## ବନ୍ଦର କ୍ୱାର୍ଟର୍ସରୁ ଶ୍ରମିକଙ୍କ ମୃତଦେହ ଜବତ

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ମଧୁବନ ଗୋପାଳଜୀଉସ୍ଥିତ କଲୋନୀ କ୍ୱାର୍ଟର୍ସରୁ ସୋମବାର ସନ୍ଧ୍ୟାରେ ପୋଲିସ ଜଣେ ଶ୍ରମିକଙ୍କ ମୃତଦେହ ଜବତ କରିଛି। ସେ ହେଲେ ରାଜକିଶୋର ସାହୁ। ସେ ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗର ଡିଏଲଆର ଭାବେ କାମ କରନ୍ତି। ବଡ଼ଭାଇଙ୍କ ଅଭିଯୋଗ ଅନୁଯାୟୀ, ଥାନାରେ ଅପମୃତ୍ୟୁ ମାମଲା (ନଂ. ୩୨/୨୧)ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ସ୍ତ୍ରୀ ଓ ଝିଅ ଗାଁକୁ ଯାଇଥିବା ବେଳେ ସେ ପଙ୍ଖାରେ ରଶି ଲଗାଇ ଝୁଲି ପଡ଼ିଥିଲେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।



## ସଂକ୍ଷେପରେ

### ନାଭାଲ ଏକାଡେମୀର ଅଫିସର ହେଲେ ପ୍ରତ୍ୟୁଷ

ରାଜକନିକା,୨୦।୧୨(ଡି.ଏନ.ଏ.): କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ୧୮ ତାରିଖରେ ହୋଇଥିବା ଜାତୀୟ ଡିଫେନ୍ସ ଏକାଡେମୀ ପରୀକ୍ଷାରେ ସମଗ୍ର ଭାରତ ବର୍ଷରେ ୫୧୭ ଜଣଙ୍କ ମଧ୍ୟରୁ



ସର୍ବୋଚ୍ଚ ନମ୍ବର ରଖି କୃତ କାର୍ଯ୍ୟ ହୋଇଛନ୍ତି ରାଜକନିକା ବ୍ଲକ ଅବଦୁଲପୁର ଗ୍ରାମର ଆଶାଲତା ଦାସ ଓ ପ୍ରଶାନ୍ତଙ୍କ ବଡପୁଅ ପ୍ରତ୍ୟୁଷ। ସେ ଡିଫେନ୍ସ ଏକାଡେମୀର ଆର୍ମି, ନାଭାଲ ଓ ଏୟାରଫୋର୍ସରେ ପରୀକ୍ଷା ଓ ସାକ୍ଷାତକାରରେ ୩୭୬ ର୍ୟାଙ୍କରେ ରହି କୃତକାର୍ଯ୍ୟ ହୋଇଛନ୍ତି। ପ୍ରତ୍ୟୁଷ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ ଶିକ୍ଷକ କେଶବ ଚରଣ ନାୟକ, ପ୍ରାକ୍ତନ ହାଟସାହି ହାଇସ୍କୁଲର ପ୍ରଧାନ ଶିକ୍ଷକ ନଛେନ୍ଦ୍ର ବଳ , ଖରସ୍ରୋତା ସାଂସ୍କୃତିକ ପରିଷଦର ସଭାପତି ଲକ୍ଷ୍ମୀଧର ରାଉତ, ପ୍ରାକ୍ତନ ସମ୍ପାଦକ ନିରଞ୍ଜନ ବେହେରା ଓ ବର୍ତ୍ତମାନ ସମୟରେ ନିରଞ୍ଜନ ବେହେରାଙ୍କ ସମେତ ଖରସ୍ରୋତା ସାଂସ୍କୃତିକ ପରିଷଦର ସମସ୍ତ ସଦସ୍ୟମାନେ ତାଙ୍କୁ ଧନ୍ୟବାଦ ଦେଇଛନ୍ତି।

### ନିଆଁ ପୁଇଁବା ବେଳେ ପୋଡ଼ି ହୋଇ ଶିଶୁ ଆହତ

ମହାକାଳପଡ଼ା,୨୦।୧୨(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଭୀଷଣ ଜାଡ ଅନୁଭୂତ ହେଉଛି। ଏହି ଜାଡରେ ବୟସ୍କଙ୍କଠାରୁ ଶିଶୁମାନେ ଥର ହର ହେଉଛନ୍ତି। କେତେଜଣ ଲୋକ ଶୀତ ବସ୍ତ୍ର ପରିଧାନ କରୁଥିବା ବେଳେ ଅନ୍ୟମାନେ ଅର୍ଥ ଅଭାବରୁ ନିଆଁ ପୂଇଁ ଜାଡ ଦାଉରୁ ରକ୍ଷା ପାଇଁ ଉଦ୍ୟମ କରୁଛନ୍ତି। ତେବେ ଏହି ନିଆଁ ପୁଇଁବା ସମୟରେ ସୋମବାର ସନ୍ଧ୍ୟାରେ ଅଘଟଣ ଘଟିଛି। ବ୍ଲକ ଅଧୀନ ପେଟଛେଲା ପଞ୍ଚାୟତର ଶବରପଡ଼ାର ଭଗୀ ନାୟକଙ୍କ ଶିଶୁ କନ୍ୟା ଚୁମୁକି (୫) ନିଆଁ ପୂଇଁବା ବେଳେ ଅସାବଧାନତା ବଶତଃ ଫ୍ରକରେ ନିଆଁ ଲାଗି ଯାଇଥିଲା। ତାର ଶରୀରର ଜଙ୍ଘ, ପେଟ ପୋଡିଯାଇଛି। ତୁରନ୍ତ ପରିବାର ଲୋକ ଘରୋଇ ଚିକିତ୍ସା କରିଥିଲେ। ଅଦ୍ୟାବଧି ଶିଶୁ କନ୍ୟା ନିଜ ଘରେ ଚିକିତ୍ସା ହେଉଛନ୍ତି। ଶରୀରରେ ଅଧିକାଂଶ ଅଂଶ ପୋଡ଼ି ଯାଇଛି। ଏହି ଗରିବ ଆଦିବାସୀ ପରିବାରକୁ ଚିକିତ୍ସା ପାଇଁ ସହାୟତା ଦେବାକୁ ଲୋକେ ପ୍ରଶସନ ନିକଟରେ ଦାବି କରିଛନ୍ତି।

### ଜୱାଦ କ୍ଷତିଗ୍ରସ୍ତ ଚାଷୀଙ୍କୁ ପୂର୍ଣ୍ଣ ସହାୟତା ଦାବି

ପଟ୍ଟାମୁଣ୍ଡାଇ,୨୦।୧୨(ସ୍ୱ.ପ୍ର.): ବାତ୍ୟା ଜୱାଦ କ୍ଷତିଗ୍ରସ୍ତ ଚାଷୀଙ୍କୁ ପୂର୍ଣ୍ଣ ସହାୟତା ପ୍ରଦାନ ଦାବିକୁ ଭାଜପା ଆଉଥରେ ଦୋହରାଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳର ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ଜୱାଦ ପ୍ରଭାବରେ ଲଗାଣ ବର୍ଷା ସମ୍ପୂର୍ଣ୍ଣ ଭାବେ ଧାନଓ ପରିବା ଫସଲକୁ ଉଜାଡି ଦେଇଛି। ଏବେ ମଧ ଚାଷଜମିରୁ ପାଣି ଶୁଖି ନ ଥିବାରୁ ପାଚିଲା ଧାନ ପଚି ଯିବା ସହ ଗଜ ହୋଇ ଗଲାଣି। ବ୍ୟାଙ୍କ ଓ ଗ୍ରାମ ସାହୁକାରଙ୍କଠାରୁ ଋଣ ଆଣି ଧାନ, ବିରି ଓ ପନିପରିବା ଚାଷ କରିଥିବା ଚାଷୀମାନଙ୍କ ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ। ଋଣ ପରିଶୋଧ କରିବାକୁ ଚାଷୀଙ୍କ ପାଖରେ ସମ୍ବଳ ନାହିଁ। ଏଭଳି ସମ୍ବେଦନଶୀଳ ଘଟଣାରେ ରାଜ୍ୟ ସରକାର ଅଧିକ ନମନୀୟ ହେବା ଆବଶ୍ୟକ ରହିଛି ବୋଲି କେନ୍ଦ୍ରାପଡ଼ା ଜିଲା ଭାଜପା ଉପସଭାପତି ଆଇନଜୀବୀ ସଞ୍ଜୟ ସାହୁ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପୂର୍ଣ୍ଣ ସହାୟତା, ଏକର ପିଛା କ୍ଷତିଗ୍ରସ୍ତ ଚାଷୀଙ୍କୁ ଅନ୍ୟୁନ୍ୟ ୨୦ ହଜାର ଟଙ୍କା ପ୍ରଦାନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନିଅନ୍ତୁ ବୋଲି ସାହୁ କହିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ,୨୦।୧୨(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ଛୋଟି ପଞ୍ଚାୟତର ନେତୁଆଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀବଳଦେବଜୀଉ ମଣ୍ଡଳର ନେୟୁଆ ଚାରଣ ଗୋଷ୍ଠୀ ପକ୍ଷରୁ ଅନୁଷ୍ଠିତ ଯଜ୍ଞରେ ଉଦୟନାଥ ସାହୁ କାର୍ଯ୍ୟନିର୍ବାହ କରିଥିଲେ। ଆଠ ବର୍ଷ ହେଲା ଏହି ମହାଯଜ୍ଞ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ମହାମାରୀ କବଳରୁ ବିଶ୍ୱବାସୀଙ୍କୁ ଉଦ୍ଧାର କରିବାକୁ କରାଯାଉଛି। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ଓ ନାମ ସଂକୀର୍ତ୍ତନ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଏହି ଆଧାତ୍ମିକ କାର୍ଯ୍ୟକୁ ଚାରଣ ଗୋଷ୍ଠୀର ସଭାପତି ଲଛମନ ସାହୁ, ସମ୍ପାଦକ ଭାବଗ୍ରାହୀ ସାହୁ, ପ୍ରସନ୍ନ ସାହୁ, ଗୁରୁଚରଣ ରାଉତ, ପ୍ରଫୁଲ୍ଲ ମଲ୍ଲ ଓ କୃପାସିନ୍ଧୁ ବାରିକ ପ୍ରମୁଖ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ୮ ସପ୍ତାହରେ କ୍ରାଇମବ୍ରାଞ୍ଚ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

## ଅଙ୍ଗନୱାଡି କର୍ମୀ ନିଯୁକ୍ତି ଅନିୟମିତତା ଉପରେ ହାଇକୋର୍ଟରେ ମାମଲା

ଜଗତ୍‌ସିଂହପୁର ଅଫିସ, ୨୦।୧୨

ତିର୍ତ୍ତୋଲ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ପୁଟିଙ୍ଗ ଗ୍ରାମ ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଅନିୟମିତତା ସମ୍ପର୍କରେ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଏହା ଉପରେ ବିଚାରପତି କଟକସ୍ଥିତ କ୍ରାଇମ ବ୍ରାଞ୍ଚ କ୍ରାଇମ୍ ଇନ୍‌ଭେଷ୍ଟିଗେସନ୍ ଡିପାର୍ଟମେଣ୍ଟ (ସିଆଇଡି) ଏସ୍‌ପିଙ୍କୁ ୮ ସପ୍ତାହ ମଧ୍ୟରେ ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଆବେଦନକାରୀଙ୍କୁ ଅବଗତ କରିବାକୁ ଉଲ୍ଲେଖ ରହିଛି। ଏ ବିଷୟରେ କ୍ରାଇମବ୍ରାଞ୍ଚ ତରଫରୁ ତଦନ୍ତ ଆରମ୍ଭ ହୋଇଥିବା ଏସ୍‌ଆଇ ଅଂଶୁପା ବେହେରା ସୂଚନା ଦେଇଛନ୍ତି।

ଗୋପାଳପୁର ପଞ୍ଚାୟତ ଜୟସିଂହପୁର ଗ୍ରାମର ପ୍ରଭାତ କୁମାର ସ୍ୱାଇଁଙ୍କ ସହ ଅନ୍ୟ ୧୦ ଜଣ ହାଇକୋର୍ଟରେ ରାଜ୍ୟ ସରକାର ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରି ମାମଲା ରୁଜୁ କରିଥିଲେ। ଏହା ଉପରେ ସ୍ୱାଇଁ ଓ ରଶ୍ମିରଞ୍ଜନ ଦାଶ କହିଛନ୍ତି, ପୂର୍ବରୁ ଏହି ଗାଁରେ ଏକ ଅଙ୍ଗନୱାଡି କେନ୍ଦ୍ର ଥିଲା। ପିଲା ସଂଖ୍ୟା ଓ ଦୂରତା ଦୃଷ୍ଟିରୁ ଆଉ ଏକ ଅଙ୍ଗନୱାଡି କେନ୍ଦ୍ର କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ କର୍ମୀ ପଦବୀ ପାଇଁ ଏକାଧିକ ଆଶାୟୀ ଥିଲେ। ଆବେଦନକାରୀ ପ୍ରାର୍ଥୀଙ୍କ ପାଇଁ ମାଟ୍ରିକ ମାର୍କର ହାରାହାରି ସହ ପ୍ରାର୍ଥୀଙ୍କ ଉଚ୍ଚଶିକ୍ଷା ପାଇଁ ଅଧିକ ୫ ପ୍ରତିଶତ ଓ ଶାରୀରିକ ଭିନ୍ନକ୍ଷମ ଥିଲେ ଆଉ ୫ ପ୍ରତିଶତ ମାର୍କ ଦିଆଯିବା ପାଇଁ ବ୍ୟବସ୍ଥା ହୋଇଥିଲା। ଆବେଦନକାରୀଙ୍କ ମଧ୍ୟରୁ ପୁଟିଙ୍ଗ ଗ୍ରାମର ଅନୀତା ପରିଡ଼ା ମାଟ୍ରିକ୍‌ରେ ୫୯.୪୬%, ସ୍ନାତକ ୫% ସହ ମୋଟ ୬୪.୪୬% ନମ୍ବର ରଖିଥିଲେ । କିନ୍ତୁ ତିର୍ତ୍ତୋଲ ବ୍ଲକ ସିଡିପିଓ ଅନୀତାଙ୍କ ବଦଳରେ ପୁଟିଙ୍ଗର ଅଞ୍ଜନା ସ୍ୱାଇଁଙ୍କୁ ନିଯୁକ୍ତି ଦେଇଥିଲେ। ଅନୀତା ସର୍ବାଧିକ ନମ୍ବର ରଖିଥିବା ବେଳେ ଅଞ୍ଜନା କିପରି ନିଯୁକ୍ତି ପାଇଲେ ସେନେଇ ଅନୀତାଙ୍କ ବାପା ଟହଲି ପରିଡ଼ା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଜାଣିବାକୁ ଆବେଦନ କରିଥିଲେ। ସିଡିପିଓଙ୍କ କାର୍ଯ୍ୟାଳୟ ଜନସୂଚନା ଅଧିକାରୀଙ୍କଠାରୁ ୬।୨।୧୦ରେ ଅଞ୍ଜନାଙ୍କ ଆବେଦନ ପତ୍ର ଦାଖଲ ପ୍ରମାଣପତ୍ରର ନକଲ ପାଇଥିଲେ। ଏଥିରେ ଅଞ୍ଜନା ମାଟ୍ରିକ୍‌ରେ ୫୫.୫୭%, ସ୍ନାତକରେ ୫% ଓ ଭିନ୍ନକ୍ଷମ ଦର୍ଶାଇ ଅଧିକ ୫%, ଏହିପରି ମୋଟ ୬୫.୫୭% ନମ୍ବର ପାଇଥିବା ଦର୍ଶାଯାଇଥିଲା। ଅଞ୍ଜନା ୧୬।୯।୨୦୦୭ରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିଲେ, ଯାହାର ନମ୍ବର ୪୬ ଥିବାବେଳେ ପଞ୍ଜୀକରଣ ସଂଖ୍ୟା ହେଉଛି ୮୮୪୬। ଏଥିରେ ମେଡିକାଲ ବୋର୍ଡର ୨ ଜଣ ସଭ୍ୟ, ଜଣେ ଅର୍ଥୋପେଡିକ୍ ଡାକ୍ତର, ଅଞ୍ଜନାଙ୍କ ଦସ୍ତଖତ ସହ ସିଡିଏମ୍‌ଓଙ୍କ କାଉଣ୍ଟର ସାଇନ୍ ଥିଲା। ଭିନ୍ନକ୍ଷମ ପ୍ରମାଣପତ୍ର ତାରିଖ ୧୬।୯।୨୦୦୭ ଥିବାବେଳେ ସେଦିନ ରବିବାର ଓ ନୂଆଖାଇ ଥିଲା। ଛୁଟି ଦିନ ଥିବାବେଳେ ଭିନ୍ନକ୍ଷମ ବୋର୍ଡର ଏତେଜଣ ଅଧିକାରୀ କିପରି ଦସ୍ତଖତ କରିଥିଲେ ତାକୁ ନେଇ ସନ୍ଦେହ ଘନୀଭୂତ ହୋଇଥିଲା। ପରେ ଏହାର ସତ୍ୟତା ଜାଣିବା ପାଇଁ ଟହଲି ଜଗତ୍‌ସିଂହପୁର ସିଡିଏମ୍‌ଓଙ୍କ ଜନସୂଚନା ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। କିନ୍ତୁ ଉତ୍ତର ଆସିଥିଲା ୧୬।୯।୨୦୦୭ରେ ନୁହେଁ, ୧୭।୯।୨୦୦୭ରେ ବୋର୍ଡ ବସିଥିଲା, ଯେଉଁଦିନ ଅଞ୍ଜନା ସ୍ୱାଇଁ ଅନୁପସ୍ଥିତ ଥିଲେ। ତେଣୁ ଅଞ୍ଜନାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇନାହିଁ। ଏସବୁ ହସ୍ତଗତ ହେବା ପରେ ଅନୀତା ଜଗତ୍‌ସିଂହପୁର ଏଡିଏମ୍‌ଙ୍କ ନିକଟରେ ଏହି ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ସମ୍ପର୍କରେ ଅଭିଯୋଗ କରିଥିଲେ। ଏଡିଏମ୍ ଉପରଠାଉରିଆ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତିର୍ତ୍ତୋଲ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଡିଏମ୍‌ଙ୍କ ନିର୍ଦ୍ଦେଶ ବିରୋଧରେ ଅଞ୍ଜନା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ନ୍ୟାୟାଳୟ ପ୍ରମାଣପତ୍ରର ସତ୍ୟତା ସମ୍ପର୍କରେ ଆବଶ୍ୟକ ତଦନ୍ତ କରି ୩ ମାସ ଭିତରେ ରିପୋର୍ଟ ଦେବାକୁ ଏଡିଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଏଡିଏମ୍ ନିରାଶ କରିଥିଲେ। ୧୭।୯।୨୦୦୭ରେ ଜିଲା ମେଡିକାଲ ବୋର୍ଡ ସାରଥି ବେହେରା ଓ ପ୍ରିୟଦର୍ଶିନୀ ସାହୁଙ୍କୁ ଯଥାକ୍ରମେ ୧୫ ଓ ୧୬ ନମ୍ବର ଭିନ୍ନକ୍ଷମ ପ୍ରମାଣପତ୍ର ଦେଇଥିବା ବେଳେ ୧୬।୯।୨୦୦୭ରେ ଅଞ୍ଜନାଙ୍କୁ କିଭଳି ୪୬ ନମ୍ବର ପ୍ରମାଣପତ୍ର ମିଳିଲା ସେନେଇ ସନ୍ଦେହ ଘନୀଭୂତ ହୋଇଥିଲା। ପରେ ପୁଟିଙ୍ଗ ଗ୍ରାମର ରଶ୍ମିରଞ୍ଜନ ଦାଶ ଭିନ୍ନକ୍ଷମ ପ୍ରମାଣପତ୍ର ରେଜିଷ୍ଟରର ନକଲ ପାଇଁ ସୂଚନା ଅଧିକାର ବଳରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟକୁ ଆବେଦନ କରିଥିଲେ। ମେଡିକାଲ ବୋର୍ଡ ରେଜିଷ୍ଟରର ନକଲରୁ ଜଣାଯାଇଥିଲା ଯେ, ଅଞ୍ଜନା ୨୦୦୭ ସେପ୍ଟେମ୍ବରରେ ଆଦୌ ଭିନ୍ନକ୍ଷମ ପ୍ରମାଣପତ୍ର ପାଇନାହାନ୍ତି। ଏଣୁ ଅଞ୍ଜନା ଦାଖଲ କରିଥିବା ୧୬।୯।୨୦୦୭ର ୪୬ ନମ୍ବର ଭିନ୍ନକ୍ଷମ ପ୍ରମାଣପତ୍ର ସମ୍ପୂର୍ଣ୍ଣ ଜାଲ। ଏହାକୁ ଆଧାର କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା।

## ୧୪ ବର୍ଷରୁ କମ୍ କ୍ରିକେଟରେ ଅଭିଷେକ ସ୍ଥାନ ପାଇଲେ



ରାହାମା,୨୦।୧୨(ଡି.ଏନ୍.ଏ.)

ଜଗତସିଂହପୁର ଜିଲା କୁଜଙ୍ଗ ବ୍ଲକର ଅଭିଷେକ ସେନାପତି ଓଡିଶା କ୍ରିକେଟ ଆସୋସିଏଶନ୍ ତରଫରୁ ୧୪ବର୍ଷରୁ କମ୍ ରାଜ୍ୟସ୍ତରୀୟ କ୍ରିକେଟରେ ସ୍ଥାନ ପାଇଛନ୍ତି। ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଅଭ୍ୟାସ ମ୍ୟାଚରେ ଉଚ୍ଚକୋଟିର ପ୍ରଦର୍ଶନ କରିଥିଲେ। ୪ଟି ମ୍ୟାଚରେ ୧୩ ଉଇକେଟ ନେଇ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଅଭିଷେକଙ୍କୁ ୧୨ବର୍ଷ ହୋଇଥିବାରୁ ବିସିସିଆଇର ନୂଆ ନିୟମ ଅନୁଯାୟୀ ଭାରତୀୟ ଅଣ୍ଡର ୧୪ରେ ସେ ସିଲେକ୍ସନ ହୋଇପାରିଲେ ନାହିଁ। କିନ୍ତୁ ଓଡ଼ିଶାର ଅଣ୍ଡର ୧୪ ଦଳରେ ସ୍ଥାନ ପାଇଛନ୍ତି। ଅଭିଷେକଙ୍କ ଘର ଜଗତ୍‌ସିଂହପୁର ଜିଲା ରାହାମା ଅଞ୍ଚଳରେ ହୋଇଥିବା ବେଳେ ସତ୍ୟଜିତ ସେନାପତି ଏବଂ ମା'ପ୍ରଣତି ସେନାପତିଙ୍କ ପୁଅ। ଏ ଖବର ଜଣାପଡ଼ିବା ପରେ ସନରାଇଜ ସ୍ପୋର୍ଟ କ୍ଲବର ସମସ୍ତ ସଦସ୍ୟଙ୍କ ସମେତ ଅନ୍ୟମାନେ ଅଭିଷେକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କୋଲକାତା ପାଣି ସିଙ୍ଗଡ଼ାର ଚାହିଦା ବଢୁଛି

ମହାକାଳପଡ଼ା, ୨୦।୧୨ (ଡି.ଏନ.ଏ.)

ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ରାମନଗର ବଜାରରେ କୋଲକାତା ପାଣି ସିଙ୍ଗଡ଼ାର ଚାହିଦା ବଢ଼ିବାରେ ଲାଗିଛି। ଏହି ପାଣି ସିଙ୍ଗଡ଼ାକୁ ବିଶେଷ ଭାବେ ମଧୁମେହ, ଉଚ୍ଚ ରକ୍ତଚାପ, ଅମ୍ଳ ରୋଗୀମାନେ ନେଉଥିବା ବ୍ୟବସାୟୀ ଖୋଖନ ମଣ୍ଡଳ କହିଛନ୍ତି। ଏହା ଶୀତଦିନ ପୂର୍ବରୁ କୋଲକାତା ଅଞ୍ଚଳରେ ଖାଲ ପାଟିଆ, ନାଳ, ପୋଖରୀ ଆଦି ସ୍ଥାନରେ ଦେଖିବାକୁ ମିଳେ। ଏହି ପ୍ରଜାତିର ଗଛଗୁଡିକରେ ଛୋଟ ଛୋଟ ଧଳା ରଙ୍ଗର ଫୁଲ ଫୁଟିବାର ଦୁଇ ସପ୍ତାହ ପରେ ଫଳ ଧରିବା ଆରମ୍ଭ ହୁଏ। ଏହି ଫଳର ଉପର ଅଂଶ ହାଲକା ଧୂସର ଓ ନୀଳ ମିଶ୍ରିତ ରଙ୍ଗର ମୋଟା ଆସ୍ତରଣ ଥାଏ। ଏହାକୁ ଛଡ଼ାଇ କଞ୍ଚା ଅବସ୍ଥାରେ ଖାଇବାକୁ ପଡେ। ଏହା ଖୁବ୍ ସ୍ୱାଦିଷ୍ଟ ଲାଗେ। ରୋଗୀ ଓ ସାଧାରଣ ଲୋକମାନେ ଏହାକୁ ଖାଇବାକୁ ଖୁବ୍ ପସନ୍ଦ କରୁଥିବାରୁ ବଜାରର ଚାହିଦା ଦେଖି ବେପାରୀମାନେ ସୁଦୂର କୋଲକାତା ଅଞ୍ଚଳରୁ ବସ୍ ଯୋଗେ ଆମଦାନୀ କରିଥାନ୍ତି। କୋଲକାତାରୁ ଖୁବ୍ କମ୍ ଦରରେ କ୍ରୟ କରି ଏଠାରେ କିଲୋ ପ୍ରତି ୮୦ରୁ ଶହେ ଟଙ୍କାରେ ବିକ୍ରି ହେଉଥିବା ଦେଖିବାକୁ ମିଳେ। ଖୁବ୍ କମ୍ ସଂଖ୍ୟାରେ ପାଣି ସିଙ୍ଗଡ଼ା ମିଳିଥିବାରୁ ବ୍ୟବସାୟୀଙ୍କ ପାଖରେ ଗରାଖଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଏହା ସାଧାରଣତଃ ସିଙ୍ଗଡ଼ା ଆକୃତିର ହୋଇଥିବାରୁ ଏହାର ନାମକରଣ ପାଣି ସିଙ୍ଗଡ଼ା ବୋଲି କୁହାଯାଏ। ଏହାକୁ ଆସନ୍ତା ବର୍ଷଠାରୁ ଚାରା (ମୁଣ୍ଡା ) ଆଣି ମହାକାଳପଡ଼ା ଉପକୂଳ ଅଞ୍ଚଳରେ ପର୍ଯ୍ୟାୟକ୍ରମେ ଚାଷ କରାଯିବ ବୋଲି ବ୍ୟବସାୟୀ ମଣ୍ଡଳ କହିଛନ୍ତି।



ରାମନଗର ବଜାରରେ ପାଣି ସିଙ୍ଗଡ଼ା ବିକ୍ରି କରାଯାଉଛି।

## ବାପାଙ୍କ ସ୍ମୃତିସଭା ବେଳେ ବଡ଼ପୁଅଙ୍କ ମୃତ୍ୟୁ

ଡେରାବିଶ,୨୦।୧୨(ସ୍ୱ.ପ୍ର)

ବାପାଙ୍କ ସ୍ମୃତିଚାରଣ ସଭା ବେଳେ ବଡ଼ପୁଅଙ୍କ ମୃତ୍ୟୁ ଖବର ଡେରାବିଶ ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଏପରି ଅଭାବନୀୟ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ କୁଅଁରପୁର ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ନିରଞ୍ଜନ ରଥଙ୍କ ପରଲୋକ ୧୦ ତାରିଖରେ ହୋଇଥିଲା। ତାଙ୍କଠାରୁ ଶିକ୍ଷାଲାଭ କରିଥିବା ପୁରାତନ ଛାତ୍ରମାନେ ରବିବାର ସନ୍ଧ୍ୟାରେ ଗୋଲରାହାଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ମୃତିସଭାର ଆୟୋଜନ କରିଥିଲେ। ପ୍ରାକ୍ତନ ସରପଞ୍ଚ ତ୍ରିଲୋଚନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଶିଶୁ ସାହିତ୍ୟିକ ସୁଶାନ୍ତ କୁମାର ପାତ୍ର, ଶିକ୍ଷାବିତ୍ ସୁବାସ ଚନ୍ଦ୍ର ରଥ, ସାମାଜିକ କର୍ମୀ ସଚ୍ଚିଦାନନ୍ଦ ରଥ, ବିପିନ ବିହାରୀ ସାହୁ, ସାହାଜାହାନ ଖାଁ ଓ ଅତୁଲ୍ୟ କୁମାର ରଥ ପ୍ରମୁଖ ସ୍ୱର୍ଗତ ରଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମାତ୍ର ଏହି ସ୍ମୃତିଚାରଣ ସଭା ଚାଲୁଥିବା ବେଳେ ସ୍ୱର୍ଗତ ରଥଙ୍କ ବଡପୁଅ ଅଧ୍ୟାପକ ଉମ୍ବରୁଧରଙ୍କ ମୃତ୍ୟୁ ଖବର ଉପସ୍ଥିତ ବ୍ୟକ୍ତିଙ୍କୁ ବ୍ୟଥିତ କରିଥିଲା। ତେବେ ଏହି ଦୁଃଖଦ ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଉମ୍ବରୁଧର ଦୀର୍ଘଦିନ ହେବ ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଆସୁଥିଲେ। କେବଳ ସେତିକି ନୁହେଁ, ନଭେମ୍ବର ୧୯ତାରିଖରେ ଉମ୍ବରୁଙ୍କ ମା'ଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ତେବେ ମାସେ ମଧ୍ୟରେ ଗୋଟିଏ ପରିବାରର ୩ ଜୀବନ ଯିବା ଘଟଣା ବ୍ଲକ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

## ୩ ରାସ୍ତାର ଶିଳାନ୍ୟାସ

ରାଜନଗର, ୨୦।୧୨(ଡି.ଏନ.ଏ.)

ରାଜନଗର ବ୍ଲକର ୭ଟି ପଞ୍ଚାୟତ ଲୋକେ ଗମନାଗମନ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଆଣ୍ଠୁଏ ଖାଲରେ ଭରପୂର ରାସ୍ତାରେ ଯିବା ଆସିବା କରୁଥିଲେ। ରାସ୍ତା ସମସ୍ୟା ଯୋଗୁ ଲୋକେ ବ୍ଲକ ହେଡକ୍ୱାର୍ଟରକୁ ଆସିବାକୁ ହନ୍ତସନ୍ତ ହେଉଥିଲେ। ଏହି ବ୍ଲକର ଡାଙ୍ଗମାଳ, ଖମାରସାହି, କୃଷ୍ଣନଗର, ତାଳଚୁଆ, ବାଘମାରୀ, କେରୁଆଁପାଳ, ରଙ୍ଗଣୀ ପଞ୍ଚାୟତର ଲୋକେ ହନ୍ତସନ୍ତ ହେଉଥିଲେ। ଗମନା ଗମନ ସମସ୍ୟା ଦୂର କରିବାକୁ ସୋମବାର ରାଜନଗର ବିଧାୟକ ଧ୍ରୁବ ସାହୁ ୩ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ୧୨ କୋଟି ଟଙ୍କା ବ୍ୟୟରେ ଖୋଲାରୁ ଡାଙ୍ଗମାଳ ଭାୟା ନଳିତାପାଟିଆ ରାସ୍ତା, ୬ କୋଟି ଟଙ୍କା ବ୍ୟୟରେ ରାଜନଗର-ଡାଙ୍ଗମାଳ-ତାଳଚୁଆ ରାସ୍ତା ନିର୍ମାଣ ହେବ। ସେହିପରି ନଳିତାପାଟିଆ-ତାଳଚୁଆ ନଦୀ ପାଖ ରାସ୍ତା ୭୦ ଲକ୍ଷ ଟଙ୍କା ବ୍ୟୟରେ ଉନ୍ନତୀକରଣ କରାଯିବ। ଖୁବ୍‌ଶୀଘ୍ର ଏହି କାମ ଆରମ୍ଭ ହେବ, ୭ ପଞ୍ଚାୟତର ଲୋକଙ୍କ ଗମନାଗମନ ଅସୁବିଧା ଦୂର ହେବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟରାମ ସେଠୀ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ, ପୂର୍ବତନ ଉପାଧ୍ୟକ୍ଷ ସୁଦର୍ଶନ ଦାସ, ଡାଙ୍ଗମାଳ ସରପଞ୍ଚ ରମେଶ ଚନ୍ଦ୍ର ବେହେରା, ଖମାରସାହି ସରପଞ୍ଚ ରତିକାନ୍ତ ସେଠୀ, ବିଜେଡି ନେତା ବିଜୟ ନାୟକ, ଲକ୍ଷ୍ମୀଧର ବାରିକ, ପ୍ରଭାତ କୁମାର ବେହେରା, ଛାତ୍ର ବିଜେଡି ସଭାପତି ମନୋଜ ମଲ୍ଲିକ, ସମିତିସଭ୍ୟ ଗୌରାଙ୍ଗ ବାରିକ, ସମିତିସଭ୍ୟା କବିତା ମାଇତି, ଭାସ୍କର ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ପେନ୍‌ସନ ଅର୍ଥରେ ମରାମତି କରି ଲୋକଙ୍କୁ ପାଣି ଯୋଗାଣ

ପଟ୍ଟାମୁଣ୍ଡାଇ, ୨୦।୧୨(ସ୍ୱ.ପ୍ର.)

ପାନୀୟ ଜଳ ପ୍ରକଳ୍ପ ଥାଇ ମଧ୍ୟ ଲୋକେ ପାଣି ପାଉ ନ ଥିଲେ। ଏଭଳି ସ୍ଥଳେ ସାମାଜିକ କର୍ମୀ ପରେଶ୍ୱର ସେଠୀ ନିଜ ପେନସନ ପଇସାରୁ ପ୍ରକଳ୍ପର ଉପଯୁକ୍ତ ମରାମତି କରି ଗ୍ରାମକୁ ପାନୀୟ ଜଳ ବ୍ୟବସ୍ଥାକୁ ପୁନର୍ବାର କାର୍ଯ୍ୟକ୍ଷମ କରାଇଛନ୍ତି। ଏହାକୁ ସାଧାରଣରେ ପ୍ରଶଂସା କରାଯିବା ସହିତ ଗ୍ରାମବାସୀ ପକ୍ଷରୁ ସେଠୀଙ୍କୁ କୃତଜ୍ଞତା ଜଣାଯାଇଛି।

ସରକାର ପାନୀୟ ଜଳ ଯୋଗାଇବାକୁ ଗାଁ ଗାଁରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରିଛନ୍ତି। ଅପରପକ୍ଷେ ଗାଁରେ ନଳକୂପଗୁଡିକକୁ ବସୁଧା ଯୋଜନାରେ ସାମିଲ କରିଛନ୍ତି। ଅନେକ ଜାଗାରେ ପାନୀୟ ଜଳ ପ୍ରକଳ୍ପ ଥାଇ ମଧ୍ୟ ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଲୋକମାନେ ଖୋଲା କୁଅ ଓ ପୋଖରୀ, କେନାଲରୁ ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଞ୍ଚାୟତ ମିଇଁଯାଉଣୀ ଗ୍ରାମରେ। ଏହି ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ପ୍ରକଳ୍ପ କରାଯାଇଥିଲେ ସୁଧା ତାହା ଲୋକଙ୍କ କାମରେ ଆସୁ ନ ଥିଲା। ଏଠାକାର ଲୋକଙ୍କ ଜଳ କଷ୍ଟ ମେଣ୍ଟାଇବାକୁ ପ୍ରାୟ ୫ ବର୍ଷ ପୂର୍ବେ ଲକ୍ଷାଧିକ ଟଙ୍କା ବ୍ୟୟରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତିଆରି କରିଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଉପଯୁକ୍ତ ରକ୍ଷଣବେକ୍ଷଣ ଓ ମରାମତି ଅଭାବରୁ ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଛି। ଜଳ ଯୋଗାଣ ପାଇଁ ଇନଟେକ୍ ୱେଲଠାରୁ ଆରମ୍ଭ କରି ଗାଁ ଭିତରକୁ ପାଇପ ସଂଯୋଗ କରାଯାଇ ପାଣି ଦିଆଯାଉଥିଲା। ଦୁଇବର୍ଷ ହେବ ପାଇପ ସବୁ ଫାଟି ନଷ୍ଟ ହେବା ଯୋଗୁ ଲୋକଙ୍କ ପାଖରେ ପାଣି ପହଞ୍ଚି ପାରୁ ନ ଥିଲା। ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉ ନ ଥିଲେ।



ଫାଟିଯାଇଥିବା ପାଣି ପାଇପକୁ ମରାମତି କରାଯାଉଛି।

## କଂଗ୍ରେସର ବ୍ଲକ କାର୍ଯ୍ୟାଳୟ ଘେରାଉ




କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ତିର୍ତ୍ତୋଲ, ୨୦।୧୨ (ଡି.ଏନ.ଏ. )

ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସୋମବାର ୧୪ ଦଫା ଦାବିରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବ୍ଲକରେ ହେଉଥିବା ଦୁର୍ନୀତି, ଅନିୟମିତତା, ରାଜନୈତିକ ଭେଦଭାବ ଓ ଲୋକଙ୍କ ମୌଳିକ ସମସ୍ୟାକୁ ବିରୋଧ କରି ଏହି ଘେରାଉ ହୋଇଥିଲା। ଦାବି ପୂରଣ ନ ହେଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଘେରାଉକାରୀ କହିଛନ୍ତି। ଏ ସମ୍ପର୍କରେ ଏକ ଦାବିପତ୍ର ବିଡିଓ ଅଟଳ ବିହାରୀ ସ୍ୱାଇଁଙ୍କୁ କଂଗ୍ରେସର ନେତାମାନେ ପ୍ରଦାନ କରିଛନ୍ତି। ହିମାଂଶୁ ଭୂଷଣ ମଲ୍ଲିକ ଘେରାଉର ନେତୃତ୍ୱ ନେଇଥିଲେ। କର୍ମୀମାନେ ତିର୍ତ୍ତୋଲ ଲକ୍ ବଜାରଠାରୁ ଶୋଭାଯାତ୍ରାରେ ଯାଇ ବ୍ଲକ କାର୍ଯ୍ୟାଳୟଠାରେ ପ୍ରତିବାଦ ସଭା ହୋଇଥିଲା। ଏଥିରେ ବ୍ଲକ କଂଗ୍ରେସ ସଭାପତି ନୀହାର ରଞ୍ଜନ ନାୟକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବାଙ୍କୀ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକ, ପ୍ରଦେଶ ମହିଳା କଂଗ୍ରେସ ଉପସଭାପତି ପ୍ରତିମା ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ଅକ୍ଷୟ ଦାସ, ଧନଞ୍ଜୟ ସୂତାର, ସୁନୀଲ ମାଟିଆ, ସ୍ମୃତିରଞ୍ଜନ ଜେନା, ପିସିସି ସାଧାରଣ ସମ୍ପାଦକ ନାରାୟଣ ଜେନା ପ୍ରମୁଖ ଯୋଗଦେଇଥିଲେ।

## ଜୟପ୍ରକାଶ ଶିକ୍ଷା ନିକେତନକୁ ୫-ଟିରେ ସାମିଲ କର

ରଘୁନାଥପୁର,୨୦।୧୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରାମଚନ୍ଦ୍ରପୁରସ୍ଥିତ ଜୟପ୍ରକାଶ ଶିକ୍ଷା ନିକେତନରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ୫-ଟିରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଧାୟକଙ୍କୁ ଛାତ୍ରୀଛାତ୍ର ଓ ପ୍ରଧାନଶିକ୍ଷକ ରଞ୍ଜନ କୁମାର ମିଶ୍ର ଅନୁରୋଧ କରିଛନ୍ତି। ପରିଚାଳନା କମିଟିର ସଭାପତି ଇଂ.ବାବାଜୀ ଚରଣ ଜେନାଙ୍କ ପୌରୋହିତରେ ସଭା ଆୟୋଜନ କରାଯାଇଥିଲା। ଏଥିରେ ଆଲୁମିନି କମିଟିର ଉପସଭାପତି ବଟକୃଷ୍ଣ ନାୟକ, ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ ଓ ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ଜିଲା ଉପସଭାପତି ସରୋଜକାନ୍ତ ସ୍ୱାଇଁ, ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ, ଜିଲାପରିଷଦ ସଭ୍ୟ ଡେଜାଲିନ ମହାପାତ୍ର ଓ ସ୍ଥାନୀୟ ସରପଞ୍ଚ କବିତା ନାୟକ ଉପସ୍ଥିତ ଥିଲେ। ଶିକ୍ଷକ ପବିତ୍ର ସ୍ୱାଇଁ ଅତିଥି ପରିଚୟ ଓ ସୁବାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ଫସଲ ଭଲ ଥିବା ଜମିର ବୀମା କମ୍ପାନୀର କ୍ରପ୍ କଟିଂ

### ଚାଷୀ ମହଲରେ ତୀବ୍ର ଅସନ୍ତୋଷ

ରାଜନଗର, ୨୦।୧୨

ବାତ୍ୟା ଜୱାଦ ପ୍ରଭାବରେ ରାଜନଗର ଅଞ୍ଚଳର ଧାନ ଫସଲକୁ ଉଜାଡି ଦେଇଛି। କେବଳ ଖରିଫ ଧାନ ଚାଷ ଉପରେ ନିର୍ଭର କରୁଥିବା ରାଜନଗରର ଚାଷୀ ଫସଲକୁ ହରାଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବିଲରେ ଧାନ ପଚିଯିବା ସହ ଗଜା ହୋଇ ଗଛ ହୋଇଗଲାଣି। ସବୁଆଡୁ ଆଶା ହରାଇ ଚାଷୀ ସରକାରୀ ସହାୟତା ଓ ବୀମା ଅର୍ଥକୁ ଚାହିଁ ରହିଛି। ସରକାର କ୍ଷତିଗ୍ରସ୍ତ ଫସଲ ହେକ୍ଟର ପିଛା ଅଣଜଳସେଚିତ ଜମି ପାଇଁ ୬ ହଜାର ୮ଶହ ଟଙ୍କା ଲେଖାଏ ଦେବା ପାଇଁ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିବା ଇନ୍ସୁରାନ୍ସ କମ୍ପାନୀ ବୀମା ଅର୍ଥ କମ୍ ଦେବାକୁ ମସୁଧା କରିଥିବା ଜଣାପଡିବା ପରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବହୁଚାଷୀ ଏ ନେଇ ଅଭିଯୋଗ କରିଛନ୍ତି। ବୀମା କମ୍ପାନୀ ଫସଲ ଅଧିକ କ୍ଷତି ହୋଇଥିବା ଜମିରେ କ୍ରପ କଟିଂ କରୁନାହିଁ। ସାଟେଲାଇଟ ତଥ୍ୟ ମାଧ୍ୟମରେ ଅଳ୍ପ କ୍ଷତି ହୋଇଥିବା ଜମିରୁ କ୍ରପ କଟିଂ କରାଯାଉଛି। ବୀମା ଅର୍ଥ ନ ଦେବା ପାଇଁ କମ୍ପାନୀ ଏପରି ଷଡଯନ୍ତ୍ର କରିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

୧୦ଦିନ ହେଲା ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିବା ଏଚଡିଏଫ୍‌ସି ଏର୍ଗୋ ବୀମା କମ୍ପାନୀ ପକ୍ଷରୁ ରାଜନଗର ଅଞ୍ଚଳରେ କ୍ରପ କଟିଂ ସର୍ଭେ କରାଯାଉଛି। ବୀମା କମ୍ପାନୀର କର୍ମଚାରୀଙ୍କ ସହ ପରିସଂଖ୍ୟାନ ବିଭାଗର କର୍ମଚାରୀ, କୃଷି ବିଭାଗ ଓ ରାଜସ୍ୱ ନିରୀକ୍ଷକମାନେ ମିଳିତ ଭାବେ କ୍ରପ କଟିଂ କରୁଥିବା କୁହାଯାଉଛି। ମାତ୍ର ଅଧିକାଂଶ ସ୍ଥାନକୁ କେବଳ ବୀମା କମ୍ପାନୀର କର୍ମଚାରୀମାନେ ଯାଇ କ୍ରପ କଟିଂ କରୁଛନ୍ତି। ଚାଷୀମାନେ କ୍ଷତିଗ୍ରସ୍ତ ଜମି ଦେଖାଇ କ୍ରପ କଟିଂ କରିବାକୁ କହିଲେ ମଧ୍ୟ ବୀମା କମ୍ପାନୀର କର୍ମଚାରୀମାନେ ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏଚଡିଏଫ୍‌ସି ଏର୍ଗୋ ବୀମା କମ୍ପାନୀର କର୍ମଚାରୀ ସୁକୁମାର ମାଇତିଙ୍କ କହିବା କଥା ହେଲା ପ୍ରତି ପଞ୍ଚାୟତରେ ୪ଟି ପ୍ଲଟରୁ କ୍ରପ କଟିଂ କରୁଛୁ। ସାଟେଲାଇଟ ସର୍ଭେ ମାଧ୍ୟମରେ ଆମ ପାଖକୁ ଜମି ମାଲିକ ନାମ, ଖାତା ନଂ., ପ୍ଲଟ ନଂ. ଓ ମୌଜା ନାଁ ଆସିଛି। ଆମେ ସେହି ଆଧାରରେ କ୍ରପ କଟିଂ କରୁଛୁ ବୋଲି କହିଛନ୍ତି। ପୂର୍ବରୁ ଋଣ ପ୍ରଦାନ ବେଳେ ସବୁ ଚାଷୀଙ୍କର ପ୍ରଧାନମନ୍ତ୍ରୀ ଫସଲ ବୀମା କରାଯାଉଥିଲା। ୨ ବର୍ଷ ହେଲା ଫସଲ ବୀମା ପାଇଁ ଇଚ୍ଛା କରୁଥିବା ଚାଷୀଙ୍କର ବୀମା କରାଯାଉଛି। ଋଣ ଅର୍ଥର ୨ ପ୍ରତିଶତ ଫସଲ ବୀମା ପାଇଁ ନିଆଯାଉଛି। ଏପରିସ୍ଥଳେ ଚାଷୀଙ୍କୁ ଠିକ୍ ଭାବେ ବୀମା ରାଶି ନ ଦେବା ପାଇଁ ପୂର୍ବରୁ ଯୋଜନା ବଦ୍ଧ ଭାବେ ଅଧିକ କ୍ଷତିଗ୍ରସ୍ତ ହୋଇ ନ ଥିବା ଜମିର ତାଲିକା ଆଣି କ୍ରପ କଟିଂ କରାଯାଉଛି ବୋଲି ରାଜନଗରର ଚାଷୀ ସୁଶାନ୍ତ କୁମାର ସାହୁ, ବୁଦ୍ଧିରାମ ପ୍ରଧାନ, ଗୌରାଙ୍ଗ ରାଉତ, କାଙ୍ଗାଳି ପ୍ରଧାନ, ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ରାଜନଗର ବ୍ଲକରେ ଚଳିତବର୍ଷ ପ୍ରାୟ ୨୨ ହଜାର ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ ହୋଇଥିଲା। ରାଜନଗର ଅଣଜଳସେଚିତ ଅଞ୍ଚଳ ହୋଇଥିବାରୁ ଏଠାକାର ଚାଷୀ କେବଳ ଖରିଫ ଧାନ ଚାଷ ୪୦ ହଜାର ଚାଷୀ ପରିବାର କରିଥାନ୍ତି। ରାଜନଗର ବ୍ଲକ ନଦୀ ନାଳ ଘେରା ଅଞ୍ଚଳ। ବନ୍ୟା ଯୋଗୁ ବନ୍ୟା ଅଞ୍ଚଳର ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଏବେ ଅଦିନିଆ ଲଘୁଚାପ ଜନିତ ବର୍ଷା ସୁନାର ଧାନ ଫସଲକୁ ଉଜାଡି ଦେଇଛି।



ପାଣିରେ ବୁଡି ରହିଥିବା ଧାନ ଫସଲ।

# ସକ୍ଷମ ହିଁ ଶକ୍ତି ନାଁରେ ସିଲେଇ ୟୁନିଟ୍


ସିଲେଇ ୟୁନିଟକୁ ମନ୍ତ୍ରୀ ଅରୁଣ କୁମାର ସାହୁ ଉଦ୍‌ଘାଟନ କରୁଛନ୍ତି।

- ରାଜ୍ୟର ପ୍ରଥମ ପ୍ରକଳ୍ପ ନୟାଗଡ଼ରେ ଉଦ୍‌ଘାଟନ
- ବର୍ଷରେ ୪୫୦ ମହିଳା ପାଇବେ ତାଲିମ
- ସ୍ୱାବଲମ୍ବୀ ପାଇଁ ରହିଛି ଋଣ ବ୍ୟବସ୍ଥା

**ନୟାଗଡ଼ ଅଫିସ,୨୦।୧୨**

ନୟାଗଡ଼ ସଦର ବ୍ଲକ ଖୁଣ୍ଟୁବନ୍ଧ ଆଇଟିଆଇ କ୍ୟାମ୍ପସ ନିକଟରେ ମହିଳାମାନଙ୍କ ପାଇଁ ସକ୍ଷମ ହିଁ ଶକ୍ତି ନାଁରେ ଖୋଲିଛି ସିଲେଇ ୟୁନିଟ। ଏହି ୟୁନିଟକୁ ସୋମବାର ଉଦ୍‌ଘାଟନ କରି ନୟାଗଡ଼ ବିଧାୟକ ତଥା କୃଷି ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଥିଲେ ଏହି ପ୍ରକଳ୍ପ ରାଜ୍ୟରେ ପ୍ରଥମ। ଏହି ପ୍ରକଳ୍ପ ଦ୍ୱାରା ୧୦ଟି ବ୍ୟାଚର ୪୫୦ ମହିଳା ବର୍ଷକ ମଧ୍ୟରେ ଉପକୃତ ହେବେ। ଗୋଟିଏ ବ୍ୟାଚରେ ୪୫ ଜଣ ମହିଳା ତାଲିମ ପାଇବେ। ମାସରେ ଗୋଟିଏ ବ୍ୟାଚର ତାଲିମ ଶେଷ ହେବ। ତାଲିମ ସମୟରେ ରହିବା ଖାଇବା ମାଗଣା ଯୋଗା ଯିବ। ଜିଲାର ବିଭିନ୍ନ ଅଞ୍ଚଳର ମହିଳାମାନେ ଏଥିରେ ତାଲିମ ପାଇ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହୋଇପାରିବେ। ଏ ନେଇ ଜିଲାପାଳ ପୋମା ଟୁଡୁ କୁହନ୍ତି, ମହିଳାମାନଙ୍କୁ ସିଲାଇ ଶିଖାଇବାକୁ ୪୫ଟି ଉନ୍ନତମାନର ମେଶିନ ଆସିଛି। ରାଜ୍ୟ ବାହାରର ତାଲିମ ପ୍ରାପ୍ତ ପ୍ରଶିକ୍ଷାର୍ଥୀମାନେ ଆସି ତାଲିମ ଦେଉଛନ୍ତି। ପ୍ରଶିକ୍ଷଣ, ରହିବା ଖାଇବା, ଅନୁଷ୍ଠାନର ଖର୍ଚ୍ଚ ପାଇଁ ହାଇଦ୍ରାବାଦସ୍ଥିତ କେଆରଡି ଇଣ୍ଡଷ୍ଟ୍ରି ପ୍ରାଇଭେଟ ଲିମିଟେଡ କମ୍ପାନୀ ସହ ଚୁକ୍ତି କରାଯାଇ ୧ କୋଟି ୩ ଲକ୍ଷ ୯୦ ହଜାର ଟଙ୍କା ଅଟକଳ ରହିଛି । ମହିଳାମାନେ ତାଲିମ ନେଇ ସାରିବା ପରେ ସେମାନଙ୍କୁ ଋଣ ଯୋଗାଇ ଦିଆଯିବ। ସେମାନେ ବ୍ୟକ୍ତିଗତ ଭାବେ ଅଥବା ଗୋଷ୍ଠୀଗତ ଭାବେ ସିଲେଇ କରିପାରିବେ। ଜିଲା ପ୍ରଶାସନ ପକ୍ଷରୁ ଏକ ଚିଠି କରାଯାଇ ସ୍କୁଲ, ଅଙ୍ଗନୱାଡି ଛାତ୍ରୀଛାତ୍ରଙ୍କ ପାଇଁ ତାଲିମ ପ୍ରାପ୍ତ ମହିଳାଙ୍କଠାରୁ ୟୁନିଫର୍ମ କିଣିବାକୁ କୁହାଯିବ। ଅପରପକ୍ଷେ ସକ୍ଷମ ହିଁ ଶକ୍ତିକୁ ମିଶନ ଶକ୍ତି ବିଭାଗ, ରାଜ୍ୟ ସରକାର, ଓଡ଼ିଶା ଦକ୍ଷତା ବୃଦ୍ଧି କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ପକ୍ଷରୁ ସହଯୋଗ କରାଯାଇଛି। ପରେ ମିଶନ ଶକ୍ତିର ବିକାଶ ପାଇଁ ମିଶନ ଶକ୍ତି କାଫେ, ମିଶନ ଶକ୍ତି ବଜାର, ମୁଗ ଓ ଛତୁ ପ୍ରକ୍ରିୟାକରଣ ପରି କାର୍ଯ୍ୟକ୍ରମ ଜିଲାରେ ହାତକୁ ନେବାକୁ ଚେଷ୍ଟା ଜାରି ରହିଛି। ପ୍ରକାଶଥାଉକି ଏହି କାର୍ଯ୍ୟକ୍ରମରେ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଓରମାସ, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

### ୟୁନିଫର୍ମ କିଣୁନାହାନ୍ତି ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର

ଓଡ଼ଗାଁରେ ଏକ ୨୫ ଜଣିଆ ମହିଳା ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସିଲେଇ ୟୁନିଟ ଗଠନ କରିଛନ୍ତି। ଏହି ମହିଳାମାନେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରର ଛାତ୍ରୀଛାତ୍ରଙ୍କ ପାଇଁ ୟୁନିଫର୍ମ ପ୍ରସ୍ତୁତ କରୁଛନ୍ତି। ହେଲେ ସେମାନଙ୍କ ୟୁନିଫର୍ମକୁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର କିଣିବାକୁ ପ୍ରସ୍ତୁତ ନୁହନ୍ତି। ଏଣୁ ଏହି ଗୋଷ୍ଠୀର ୟୁନିଫର୍ମ ଭଲ ବିକ୍ରି ହେଉନାହିଁ। ଏ ନେଇ ଗୋଷ୍ଠୀର ସଭାନେତ୍ରୀ ନନ୍ଦିନୀ ସାହୁ କୁହନ୍ତି, ୨ବର୍ଷ ହେଲା ଓଡ଼ଗାଁରେ ୨୫ଜଣ ମହିଳା ଛାତ୍ରୀଛାତ୍ରଙ୍କୁ ୟୁନିଫର୍ମ ତିଆରି କରି ଆସୁଛନ୍ତି। ଉନ୍ନତମାନର କପଡା, ଭଲ ଷ୍ଟିଚିଂ ସତ୍ତ୍ୱେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର କିଣିବାକୁ ଆଗ୍ରହୀ ନୁହନ୍ତି। ଅଧିକାଂଶ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଶସ୍ତାର ୟୁନିଫର୍ମ ଖୋଜୁଛନ୍ତି। ଆମେ ୟୁନିଫର୍ମ ଗଞ୍ଜାମ ଓ ଓଡ଼ଗାଁ ଅଞ୍ଚଳରେ ବିକୁଛୁ। କିନ୍ତୁ ନୟାଗଡ଼ ଜିଲାରେ ଭଲ ୟୁନିଫର୍ମର ଚାହିଦା ନାହିଁ। ଆମଠାରୁ ୟୁନିଫର୍ମ କିଣିବାକୁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଜିଲାପାଳଙ୍କ ଚିଠି ରହିଛି। ତେବେ ସେମାନେ ଜିଲାପାଳ ଚିଠିକୁ ଅଣଦେଖା କରି ଶସ୍ତା ପୋଷାକ କିଣୁଛନ୍ତି। ଏ ନେଇ ଆମେ ଜିଲାପାଳଙ୍କୁ ଅବଗତ କରାଇ ସାରିଛୁ। ଓରମାସର ସିଓ ପ୍ରବୀଣ କୁମାର ଝା କୁହନ୍ତି, ଓଡ଼ଗାଁ ସିଲାଇ ୟୁନିଟ ନେଇ ଜିଲାପାଳ ଅବଗତ ଅଛନ୍ତି। ଅନ୍ୟପକ୍ଷେ ମହିଳାମାନେ ସିଲାଇ ତାଲିମ ପାଇଲେ ନିଜ ପରିବାରର ସଦସ୍ୟଙ୍କ ପାଇଁ ପୋଷାକ ସିଲେଇ କରିପାରିବେ। ପୁଣି ଅବସର ସମୟରେ ଅନ୍ୟମାନଙ୍କ ସିଲାଇ କରି ରୋଜଗାର କରିବେ। ଯଦି ସେମାନେ ବ୍ୟବସାୟକୁ ବଢ଼ାଇବାକୁ ଚେଷ୍ଟା କରିବେ ଜିଲା ପ୍ରଶାସନ ସେମାନଙ୍କ ପାଇଁ ଋଣର ବ୍ୟବସ୍ଥା କରିଛନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଜିଲାରେ ୩୨୩ ଡେଙ୍ଗୁ ରୋଗୀ ଚିହ୍ନଟ

**ବ୍ରହ୍ମପୁର ଅଫିସ,୨୦।୧୨:** ଗୋଟିଏ ଦିନରେ ଗଞ୍ଜାମରେ ୨ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ବ୍ରହ୍ମପୁର ମହାନଗର ନିଗମରେ ଚିହ୍ନଟ ହୋଇଛନ୍ତି ଜଣେ। ଆକ୍ରାନ୍ତମାନେ ଏମ୍‌କେସିଜି ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ବିଗତ କିଛିବର୍ଷ ତୁଳନାରେ ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କ୍ରମଶଃ ବଢୁଥିବାର ଲକ୍ଷ୍ୟ କରଯାଉଛି। ଚଳିତ ବର୍ଷ ଏଯାବତ ଜିଲାରେ ୩୨୩ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସୋମବାର ବିଏମ୍‌ସି ଅଞ୍ଚଳର ଗେଟବଜାରର ୩୦ବର୍ଷର ଜଣେ ଯୁବକ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଚିକିଟି ବ୍ଲକ ସୁରଳର ଜଣେ ୨୪ବର୍ଷର ଯୁବକ ମଧ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଅନ୍ୟପଟେ ଡେଙ୍ଗୁ ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଓ ପଦକ୍ଷେପ ନିଆଯାଉଥିବା ମଧ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

### ୨୧ରୁ ଦୁଇଦିନିଆ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ସମାବେଶ

**ବ୍ରହ୍ମପୁର ଅଫିସ,୨୦।୧୨:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ପରିଷଦ ପକ୍ଷରୁ ଡିସେମ୍ବର ୨୧ ଓ ୨୨ ଦୁଇ ଦିନିଆ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ସମାବେଶ ଅନୁଷ୍ଠିତ ହେବ। ଦୁଇଦିନ ଧରି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସାଂସ୍କୃତିକ ସମାବେଶରେ ଅନୁଷ୍ଠିତ ହେବ। ଏଥିରେ ଚିତ୍ରାଙ୍କନ, କ୍ଲାସିକାଲ ଭୋକାଲ, ଏକକ ନୃତ୍ୟ, ପ୍ରବନ୍ଧ , ତର୍କ, ନୃତ୍ୟ ଓ କୁଇଜ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ୧୫୦ ମହାବିଦ୍ୟାଳୟର ଯୁକ୍ତ ୩ ଓ ପିଜି ଛାତ୍ରୀଛାତ୍ରମାନେ ଏଥିରେ ଭାଗନେଇ ପାରିବେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରୀଛାତ୍ରମାନେ ଫେବୃୟାରୀରେ ଅନୁଷ୍ଠିତ ହେବକୁ ଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ସମାବେଶରେ ଯୋଗ ଦେଇପାରିବେ।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଫୁଲବାଣୀ ଅଫିସ, ୨୦।୧୨:** ଫିରିଙ୍ଗିଆ-ବାଲିଗୁଡା ରାସ୍ତା ଚନ୍ଦ୍ରିଗାଁଠାରେ ଥିବା ପୂର୍ତ୍ତବିଭାଗ ଡାକବଙ୍ଗଳା ସମ୍ମୁଖରେ ସୋମବାର କୌଣସି ଏକ ଗାଡି ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଫୁଲବାଣୀ ସଦର ଥାନା ବିଶିପଡାଗାଁର ଯଶୋବନ୍ତ ବେହେରା(୩୫)। ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତ ଗେରୁପଡାଗାଁ ଶ୍ୱଶୁରଘରୁ ଯଶୋବନ୍ତ ନିଜ ଗାଁକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି, ଭିଜିଲାନ୍ସ ତଦନ୍ତ ଦାବି

**ଖଲ୍ଲିକୋଟ,୨୦।୧୨(ଡି.ଏନ.ଏ.)-** ଖଲ୍ଲିକୋଟ ବ୍ଲକ ଆଦିବାସୀ ଅଧୁଷିତ ବାଦପଲ୍ଲୀ ପଞ୍ଚାୟତରେ ଗତ ୨୦୧୭ରେ ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ଦ୍ୱାରା ଏହି ପଞ୍ଚାୟତର ଏକମାତ୍ର ଅନୁସୂଚିତ ଜାତିର ମହିଳା ହେମ ନାୟକ ନିର୍ଦ୍ୱନ୍ଦ୍ୱରେ ସରପଞ୍ଚ ନିର୍ବାଚିତ ହୋଇଥିଲେ। ତାଙ୍କ ନିରକ୍ଷରତାର ସୁଯୋଗ ନେଇ ବ୍ଲକର ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ସମେତ ପଞ୍ଚାୟତର ଜିଆର୍‌ଏସ୍, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିପିଓଙ୍କ ସହ ଶାସକ ବିଜେଡିର ବ୍ଲକରେ ମଙ୍ଗ ସମ୍ଭାଳିଥିବା କିଛି ନେତାଙ୍କ ମିଳିତରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଖଲ୍ଲିକୋଟ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ସରପଞ୍ଚ ନିର୍ବାଚିତ ହେବା ପରେ ତାଙ୍କୁ ପ୍ରଶାସନିକ ଅଧିକାରୀମାନେ ଅନ୍ଧାରରେ ରଖି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଫଲସ୍ ବିଲ୍ କରି ମାଲାମାଲ ହୋଇଥିବା ବେଳେ ସରପଞ୍ଚ ଭିକ୍ଷା ବୃତ୍ତି କରି କରୁଥିବା ଖବର ପ୍ରକାଶିତ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ କିଞ୍ଚିତ ସହାୟତା ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ସୋମବାର ଖଲ୍ଲିକୋଟ ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଘୁମୁସର ଜିଲା ଭାଜପା ସାଧାରଣ ସମ୍ପାଦକ ଅନୀଲ କୁମାର ପଣ୍ଡା, ଜିଲା ଯୁବ ଭାଜପା ସଭାପତି ପ୍ରମୋଦ କୁମାର ପଣ୍ଡା, ଯୁବ ସାଧାରଣ ସମ୍ପାଦକ ଜଗନ୍ନାଥ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ବାଦପଲ୍ଲୀ ପଞ୍ଚାୟତରେ ଗତ ୫ ବର୍ଷରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ରାଜ୍ୟ ସ୍ତରରେ ଏହି ପ୍ରସଙ୍ଗ ଉଠାଯାଇ ଦଳର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଖୁବଶୀଘ୍ର ଭିଜିଲାନ୍ସ ଡିଜିଙ୍କୁ ସାକ୍ଷାତ କରିବେ ବୋଲି ପ୍ରକାଶ କରାଯାଇଛି। ଏହି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଦଳ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଦୁଇ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ


ଉଦ୍‌ଘାଟନ ଉତ୍ସବରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

**ଖଣ୍ଡପଡ଼ା,୨୦।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବେଣାଗାଡିଆ ଓ ରାଣୀଚ୍ଛେଲ୍ଲୀ ପଞ୍ଚାୟତରେ ୩୫ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟରେ ନିର୍ମିତ ୨ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବେଣାଗାଡିଆ ପଞ୍ଚାୟତ ମା' ରାମଚଣ୍ଡୀଙ୍କ ପୀଠରେ ଆୟୋଜିତ ଉତ୍ସବରେ ସରପଞ୍ଚ ସୁଷମା ସ୍ୱାଇଁ ପୌରୋହିତ୍ୟ କରିଥିବା ବେଳେ ରାଣୀଚ୍ଛେଲ୍ଲୀ ପଞ୍ଚାୟତରେ ଅନୁଷ୍ଠିତ ଉତ୍ସବରେ ସରପଞ୍ଚ ମମତା ପ୍ରଧାନ ପୌରୋହିତ୍ୟ କରିଥିଲେ। ପୃଥକ୍ ପଞ୍ଚାୟତର ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ୬ନଂ. ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ୭ନଂ. ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିଶିର କୁମାର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା,ପଞ୍ଚାୟତ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦାମୋଦର ପ୍ରଧାନଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସ୍ଥାୟୀ ନିଯୁକ୍ତି ଦାବିକଲେ ଯୋଗାଣ ସହାୟକ

**ଫୁଲବାଣୀ ଅଫିସ, ୨୦।୧୨**

ସ୍ଥାୟୀ ନିଯୁକ୍ତି ଦାବି ନେଇ ଯୋଗାଣ ସହାୟକ ସଂଘର ସଦସ୍ୟମାନେ ରାଲିରେ ଆସି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟ କରିଆସୁଥିବା ଯୋଗାଣ ସହାୟକଙ୍କ ଚାକିରିକୁ ଇତିମଧ୍ୟରେ ୮ ବର୍ଷ ପୂରି ସାରିଛି। ହେଲେ ସେମାନଙ୍କ ନିଯୁକ୍ତିକୁ ସ୍ଥାୟୀ କରାଯାଉନାହିଁ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଚାଉଳ ଓ ଅନ୍ୟ ସାମଗ୍ରୀ ବଣ୍ଟନଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଯୋଜନାରେ ସେମାନେ ନିୟୋଜିତ ଅଛନ୍ତି। ହେଲେ ସେମାନଙ୍କୁ ସର୍ବନିମ୍ନ ମଜୁରୀ ମିଳୁନାହିଁ। ତେଣୁ ଦରମା ବୃଦ୍ଧି ସହ ସ୍ଥାୟୀ ନିଯୁକ୍ତି ଦାବି ରହିଛି ବୋଲି ସଂଘ ସଭାପତି ବିବେକାନନ୍ଦ ବେହେରା, ପ୍ରଭାସ କୁମାର ନାୟକ, ଅଜିତ କୁମାର ପ୍ରଧାନ, ଜ୍ୟୋସ୍ନାରାଣୀ ଦେହୁରୀ, ସରୋଜ କୁମାର ଦଳବେହେରା, କାହ୍ନୁଚରଣ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ନୂତନ ନିୟମ ଅନୁଯାୟୀ, ପାରିଶ୍ରମିକ ୨୫ ହଜାର ଟଙ୍କାକୁ ବୃଦ୍ଧି କରିବା, ସିଧାସଳଖ ବ୍ୟାଙ୍କ ଖାତାକୁ ଦରମା ଦେବା, ପଞ୍ଚାୟତ ବଦଳରେ ଜିଲାସ୍ତରୀୟ କ୍ୟାଡର କରିବା, ୬ ବର୍ଷ ଚାକିରି କରିଥିବା ସହାୟକ ମାନଙ୍କୁ ୯୩୦୦ ଟଙ୍କା ହାରରେ ବେତନ ଦେବା, ବିଭାଗୀୟ ପଦବୀରେ ଏମାନଙ୍କୁ ଶତକଡା ୫୦ ଭାଗ ସଂରକ୍ଷଣ ଦେବା, ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରକୁ ଆର୍ଥିକ ସହାୟତା ଓ ଜଣକୁ ଚାକିରି ଦେବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି।

## ଆଖୁଚାଷୀ ସଂଘର ଦାବିପତ୍ର ପ୍ରଦାନ


ଆଖୁଚାଷୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଆସିକା,୨୦।୧୨(ଡି.ଏନ.ଏ.)**

ଚଳିତ ଆଖୁପେଡ଼ା ଋତୁ ଲାଗି ଚିନିଶିଳ୍ପ ପକ୍ଷରୁ କାରଖାନାର ରକ୍ଷଣାବେକ୍ଷଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ଗଞ୍ଜାମ ଜିଲା ଆଖୁଚାଷୀ ସଂଘ ପକ୍ଷରୁ ଚିନିଶିଳ୍ପ କର୍ତ୍ତୃପକ୍ଷଙ୍କୁ ଆଖୁଚାଷୀଙ୍କ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ପରିଚାଳନା ନିର୍ଦ୍ଦେଶକଙ୍କ ଅନୁପସ୍ଥିତିରେ ଚିନିଶିଳ୍ପ ସମ୍ପାଦକ ଚନ୍ଦ୍ରଶେଖର ରେଡ୍ଡୀଙ୍କୁ ଆଖୁଚାଷୀ ସଂଘର ସଭାପତି ସମୀର ପ୍ରଧାନ, ଉପସଭାପତି ନାରାୟଣ ଜେନା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବରାଡ ପ୍ରମୁଖ ଦାବିପତ୍ର ଦେଇଥିଲେ । ଚଳିତ ବର୍ଷର ଆଖୁପେଡା କାର୍ଯ୍ୟ ଜାନୁୟାରୀ ପ୍ରଥମ ସପ୍ତାହ ମଧ୍ୟରେ କରିବା ଲାଗି କାରଖାନା ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ଚିନିଶିଳ୍ପର ଆଖୁ ପରିଚାଳକ ପ୍ରଶାନ୍ତ କୁମାର ପାଢୀ କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

**ଭଞ୍ଜନଗର,୨୦।୧୨(ଡି.ଏନ.ଏ)**

ମୁଜାଗଡ଼-ଗାଳେରି ରାସ୍ତାର ଡ଼ାଳଖାଇ ମନ୍ଦିର ନିକଟରେ ସୋମବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ବାଉଁଶଲୁଣ୍ଡିର ହରି ଶଙ୍କର ସ୍ୱାଇଁଙ୍କ ମୃତ୍ୟୁ ଘଟିଛି। ତାଙ୍କ ସହ ଥିବା ଜଗମୋହନ ଗୌଡ଼ ମଧ ଆହତ ହୋଇଛନ୍ତି। ଭଞ୍ଜନଗର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି । ହରି ଓ ଜଗମୋହନ ଗାଳେରି କଲେଜରୁ ପରୀକ୍ଷା ଦେଇ ବାଇକ୍ ରେ ଘରକୁ ଫେରୁଥିଲେ । ବାଟରେ ହରି ଶଙ୍କର ବାଇକରୁ ଭାରସାମ୍ୟ ହରାଇବାରୁ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ସମୟରେ ପଛରେ ଆସୁଥିବା ଅନ୍ୟ ସାଙ୍ଗମାନେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ମେଡ଼ିକାଲକୁ ଆଣିଥିଲେ । ମେଡ଼ିକାଲରେ ହରିଶଙ୍କରଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ଜଗମୋହନଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି ।

## କଳା ସଂସ୍କୃତି ଅଭିବୃଦ୍ଧି, ପ୍ରସାର କାର୍ଯ୍ୟକ୍ରମ


ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ।

**ନୟାଗଡ଼ ଅଫିସ,୨୦।୧୨**

ବାହାଡା ପଠାଣୀ ସାମନ୍ତ କଲେଜରେ କଳା ସଂସ୍କୃତି ଅଭିବୃଦ୍ଧି ଓ ପ୍ରସାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ପାରମ୍ପରିକ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ ଖୁବ୍ ଆକର୍ଷଣୀୟ ହୋଇଥିଲା। ଅଧ୍ୟାପକ ଭାଗୀରଥି ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ସାହୁ, ଅଧ୍ୟାପକ ବିରଞ୍ଚି ନାରାୟଣ ଶତପଥୀ, ଡ. ରବୀନ୍ଦ୍ର କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ସାଂସ୍କୃତିକ ଅନୁଷ୍ଠାନ ଦୟା ଜ୍ୟୋତି ପକ୍ଷ୍ୟରୁ ଏହା କରାଯାଇଛି।

## ରାଣିପେଣ୍ଠା ସହକାରୀ ରାଜସ୍ୱ ନିରୀକ୍ଷକ ନିଲମ୍ବିତ

**କାଶୀନଗର,୨୦।୧୨(ଡି.ଏନ.ଏ.)**

କାଶୀନଗର ତହସିଲ ଅନ୍ତର୍ଗତ ରାଣିପେଣ୍ଠା ସର୍କଲର ସହକାରୀ ରାଜସ୍ୱ ନିରୀକ୍ଷକ ସରସ୍ୱତୀ ପାଇକଙ୍କୁ ସୋମବାର ନିଲମ୍ବିତ କରାଯାଇଛି। ଗତ କିଛିଦିନ ତଳେ ଏଆର୍‌ଆଇ ତହସିଲଦାରଙ୍କ ବିରୋଧରେ ମିଥ୍ୟା ଆରୋପ କରିଥିଲେ ଓ ଗୋଟିଏ ରାଜନୈତିକ ଦଳକୁ ଡାକି ବିକ୍ଷୋଭ ମଧ କରାଇଥିଲେ। ସ୍ଥାନୀୟ ତହସିଲଦାର ଏଆର୍‌ଆଇଙ୍କୁ ତାଙ୍କ ନିଜ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିବାରୁ ତାଙ୍କ ସ୍ୱାମୀଙ୍କ ପ୍ରରୋଚନାରେ ତହସିଲଦାରଙ୍କ ବିରୋଧରେ ମିଥ୍ୟା ଆରୋପ ଲଗାଇଥିବା ତଦନ୍ତ କମିଟି ଜାଣିପାରି ବିଶୃଙ୍ଖଳା ଆଚରଣ ଯୋଗୁ ଜିଲାପାଳ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

## ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠାରେ ଜମି ବାଧକ

**ଛତ୍ରପୁର,୨୦।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା କୁକୁଡାଖଣ୍ଡି ତହସିଲ ଅଧୀନ ବରପଲ୍ଲୀ ଠାରେ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ ପାଇଁ ଜମି ସ୍ଥିରିକୃତ ହୋଇଛି । ଏଥିପାଇଁ ୩୦ ଏକର ଜମି ଇଡକୋକୁ କୁକୁଡାଖଣ୍ଡି ତହସିଲଦାର ହସ୍ତାନ୍ତର କରିସାରିଛନ୍ତି। ତେବେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବା ସହ ଏଠାରେ ଏହା ନିର୍ମାଣ ନ କରିବାକୁ ଧମକ ଦେଉଥିବାରୁ ଏହି କାମ ଆଗେଇ ପାରୁନାହିଁ। ଯେଉଁ ଜମିରେ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ ହେବ ଉକ୍ତ ଜମି ପୂର୍ବରୁ ଗୋଚର ଜମି ଥିଲା । ପରେ ପ୍ରଶାସନ ପକ୍ଷରୁ କିସମ ପରିବର୍ତ୍ତନ କରି ଏହି ଜମିକୁ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ ପାଇଁ କୁକୁଡାଖଣ୍ଡି ତହସିଲ ପକ୍ଷରୁ ଦିଆଯାଇଛି ବୋଲି ସ୍ଥାନୀୟ ଗାଁ ଲୋକେ ଅଭିଯୋଗ କରିଛନ୍ତି। ୨୦୧୯ ଅକ୍ଟୋବର ୨୪ ତାରିଖରେ କୁକୁଡାଖଣ୍ଡି ତହସିଲ ଅଧୀନ ବରପଲ୍ଲୀ ଠାରେ ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା ପାଇଁ ୩୦ ଏକର ଜମି ଇଡକୋକୁ ଲିଜ୍ (ନମ୍ବର -୩୧୪୧) ଦିଆଯାଇଥିଲା। ପରେ କୁକୁଡାଖଣ୍ଡି ତହସିଲ ପକ୍ଷରୁ ଉକ୍ତ ଜମିକୁ ଚିହ୍ନଟ କରାଯାଇଥିଲା।

ପ୍ରଥମ ପର୍ଯ୍ୟାୟରେ ଏହି ପାର୍କର ପାଚେରି କାମ ଇଡକୋ ପକ୍ଷରୁ ଆରମ୍ଭ ହୋଇଥିଲା। ମାତ୍ର ସ୍ଥାନୀୟ ଗାଁର ୪୦ରୁ ୫୦ ଲୋକେ ସେଠାରେ ପହଞ୍ଚି ଉକ୍ତ କାର୍ଯ୍ୟକୁ ବିରୋଧ କରିଥିଲେ । ପାଚେରି ଭାଙ୍ଗିବା ସହ କାମ ନ କରିବାକୁ ସେମାନେ ଧମକ ଦେଇଥିବା ଇଡକୋ ବ୍ରହ୍ମପୁର ଡିଭିଜନର ଡିଭିଜନାଲ ହେଡ୍ ଅଶୋକ କୁମାର ମିଶ୍ରଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟକୁ ଚିଠିରେ ଉଲ୍ଲେଖ କରାଯାଇଛି । ଗୋଚର ଜମିର କିସମ ବଦଳାଯାଇଥିବା ଉକ୍ତ ଜମି ବୋଲି ଗାଁଲୋକେ ଅଭିଯୋଗ କରିଥିଲେ । ଏଣୁ ଏହି ମାମଲାର ସମାଧାନ ପାଇଁ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଜିଲାପାଳଙ୍କୁ ସେ ଉକ୍ତ ଚିଠିରେ ଅନୁରୋଧ କରିଛନ୍ତି। ୨୦୨୨ ମାର୍ଚ୍ଚ ସୁଦ୍ଧା ଉକ୍ତ ଏମଏସଏମଇ ପାର୍କ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବ ରହିଛି । ଏହା ପୂର୍ବରୁ ମଧ ଜିଲାର ବିଭିନ୍ନ ଗାଁରେ ଥିବା ଗୋଚର ଜମିକୁ ପ୍ରଶାସନ କିସମ ବଦଳାଇ ବିଭିନ୍ନ ଶିଳ୍ପାନୁଷ୍ଠାନ, ସରକାରୀ ସଂସ୍ଥାର ଆବାସିକ କଲୋନୀ ଏବଂ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର କରୁଥିବା ନଜିର ରହିଛି । ଏବେ ଏମଏସଏମଇ ପାର୍କ ପାର୍କ କ୍ଷେତ୍ରରେ ଏପରି ଘଟିଥିବା ସ୍ଥାନୀୟ ଗାଁଲୋକେ ଅଭିଯୋଗ ପରେ ପ୍ରଶାସନ କଣ ପଦକ୍ଷେପ ନେଉଛି ତାହା ବାକି ରହିଲା । ଅପରପକ୍ଷରେ ଘରୋଇ କ୍ଷୁଦ୍ର, ମଧ୍ୟମ ଶିଳ୍ପ ପ୍ରତିଷ୍ଠା ଲାଗି ଉକ୍ତ ପାର୍କ ନିର୍ମାଣ କରାଯାଉଛି । ବ୍ରହ୍ମପୁର ଶିଳ୍ପାଂଚଳରେ କ୍ଷୁଦ୍ର, ମଧ୍ୟମ ଶିଳ୍ପ ପ୍ରତିଷ୍ଠା ପାଇଁ ଆଉ ଜମି ନାହିଁ । ଏହାର ଅଭାବ ପୂରଣ ସହ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ପାଇଁ ଏହି ପାର୍କର ଆବଶ୍ୟକତା ରହିଛି। ବ୍ରହ୍ମପୁର ଶିଳ୍ପାଂଚଳରେ ଜମି ନଥିବାରୁ ପାର୍କ ପ୍ରତିଷ୍ଠା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଆବେଦନକାରୀଙ୍କୁ ଚିଠି ମାଧ୍ୟମରେ ଇଡକୋ ପକ୍ଷରୁ ଜଣାଯାଇଥିବା ସୂଚନା ମିଳିଛି ।

## ୨ ନାବାଳିକାଙ୍କୁ ଅପହରଣ

**ନୟାଗଡ଼ ଅଫିସ,୨୦।୧୨**

ନୟାଗଡ ଜିଲା ଫତେଗଡ ଓ ଶରଣକୁଳ ଥାନା ଅଞ୍ଚଳରେ ୨ଜଣ ନାବଳିକାଙ୍କୁ ଅପହରଣ କରାଯାଇଛି। ଶରଣକୁଳ ଥାନା ଚଢ଼େୟାପଲ୍ଲୀ ଅଞ୍ଚଳରେ ୧୫ ବର୍ଷର ନାବଳିକାଙ୍କୁ ଅପହରଣ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୧୪୧/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଫତେଗଡ ଥାନା ନିମାଣୀ ଅଞ୍ଚଳରେ ଜଣେ ୧୪ ବର୍ଷର ନାବାଳିକାଙ୍କୁ ରବିବାର ରାତିରେ ଘରେ ପଶି ମାର୍‌ପିଟ୍ କରାଯାଇ ଅପହରଣ କରାଯାଇଛି। ଏ ନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖା ହେବା ସୁଦ୍ଧା ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି । କିନ୍ତୁ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଚଳାଇଛି।

## ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

**ନାବାଳିକା ଅପହରଣ, ବଳାତ୍କାର ମାମଲା**

**ବ୍ରହ୍ମପୁର ଅଫିସ,୨୦।୧୨**

ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଗୁରୁ ପ୍ରସାଦ ସାହୁ ସୋମବାର ଜଣେ ନାବାଳିକା ଅପହରଣ, ବଳାତ୍କାର ମାମଲାର ଶୁଣାଣି କରିଥିଲେ। ଅଭିଯୁକ୍ତ କିଷାନ ପୂଜାରୀଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୨୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତ କିଷାନଙ୍କୁ ଅଧିକ ବର୍ଷେ ଜେଲଦଣ୍ଡରେ ଦଣ୍ଡିତ ହେବେ ବୋଲି ଜଜ୍ ରାୟରେ ଦର୍ଶାଇଛନ୍ତି। ସେହିପରି ଏହି ମାମଲାରେ ଜଡିତ ଥିବା କିଷାନଙ୍କ ଭାଇ ଶ୍ୟାମ ପୂଜାରୀଙ୍କୁ ପ୍ରମାଣ ଅଭାବରୁ ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅନ୍ୟପଟେ ପୀଡ଼ିତାଙ୍କୁ ୫ଲକ୍ଷ ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ସୂଚନା ଦେଇଛନ୍ତି। ୨୦୧୬ ଫେବୃୟାରୀ ୧୮ରେ ଜିଆରପି ଅଞ୍ଚଳରୁ ଜଣେ ନାବାଳିକା ଅପହରଣ ନେଇ ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୬/୧୬ରେ ମାମଲା ରୁଜୁ କରି ଅନୁସନ୍ଧାନ କରି ନାବାଳିକାଙ୍କୁ ଅଭିଯୁକ୍ତ କିଷାନଙ୍କ ଘରୁ ଉଦ୍ଧାର କରିଥିଲା। ପରେ କିଷାନ ଓ ଅପହରଣରେ ସହାୟତା କରିଥିବା ତାଙ୍କ ଭାଇ ଶ୍ୟାମଙ୍କୁ ନୂଆ ବସ୍‌ଷ୍ଟାଣ୍ଡରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟ କାର୍ଡ ପ୍ରେରଣ କଲେ ଛାତ୍ରୀଛାତ୍ର

**ବୁଗୁଡ଼ା,୨୦।୧୨(ଡି.ଏନ.ଏ.)**

ବୁଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରଙ୍କ ତରଫରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ସୋମବାର ପୋଷ୍ଟକାର୍ଡ ପ୍ରେରଣ କରାଯାଇଛି। ଆଗାମୀ ଭାରତ ସ୍ୱାଧୀନତାର ୧୦୦ବର୍ଷ ପୂର୍ତ୍ତି ଅବସରରେ ଦେଶ ସ୍ୱାବଲମ୍ବୀ ହେବା ସହ ସାଂସ୍କୃତିକ, ଆଧ୍ୟାତ୍ମିକ, ଅର୍ଥନୈତିକ, ରାଜନୈତିକ, ସାମାଜିକ, ବୈଷୟିକ ଆଦି କ୍ଷେତ୍ରରେ ବିଶ୍ୱ ଦରବାରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଆଶା ରଖିଥିବା ନେଇ ପୋଷ୍ଟ କାର୍ଡ ମାଧ୍ୟମରେ ଛାତ୍ରୀଛାତ୍ର ଜଣାଇଛନ୍ତି। ଏହି ପୋଷ୍ଟକାର୍ଡ ପ୍ରେରଣ ଅଭିଯାନ ସାରା ଭାରତରେ ଚାଲୁଥିବା ବେଳେ ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୬ଷ୍ଠରୁ ୧୦ମ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ଭାଗନେଇଛନ୍ତି।

